

# ସ୍ତ୍ରୀକୁ ମାରିଦେଲା !

## ସ୍ୱାମୀକୁ ଅଟକ ରଖି ପୁଲିସର ପଚରାଉଚରା

ଭୁବନେଶ୍ୱର,୧୦।୧୧(ସମିସ): ଖାରବେଳ ନଗର ଥାନା ଅଧୀନ ୟୁନିଟ୍-୪ ସ୍ଥିତ ରାମପୁର ବସ୍ତିରୁ ଜଣେ ମହିଳାଙ୍କ ସନ୍ଦେହଜନକ ମୃତଦେହ ଜବତ କରାଯାଇଛି। ମୃତ ମହିଳା ଜଣକ ହେଲେ ନୟାଗଡ଼ର ସ୍ୱର୍ଣ୍ଣଲତା ମହାନନ୍ଦିଆ (୨୧)। ତାଙ୍କୁ ତଣ୍ଟି ଚିପି ହତ୍ୟା କରାଯାଇଥିବା ନେଇ ତାଙ୍କ ବାପା ଖାରବେଳ ନଗର ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଏହି ଘଟଣାରେ ସ୍ୱାମୀ ବାପୁନି ନାଏକ (୨୧)କୁ ପୁଲିସ ଅଟକ ରଖି ପଚରାଉଚରା କରୁଛି।

ପୁଲିସର କହିବା ଅନୁଯାୟୀ, ନୟାଗଡ଼ ବାଣିଗୋଛାର ବାପୁନିକୁ ପ୍ରାୟ ବର୍ଷେ ତଳେ ସ୍ୱର୍ଣ୍ଣଲତା ପ୍ରେମ ବିବାହ କରିଥିଲେ। ଗତ ୩ ମାସ ହେବ ସ୍ୱାମୀ ବାପୁନିଙ୍କ ସହ ଭୁବନେଶ୍ୱର ଆସି ରାମପୁର ବସ୍ତିରେ ରହୁଥିଲେ। ଶନିବାର ରାତିରେ ଦମ୍ପତି ଖାଇପିଇ ଶୋଇଥିବାବେଳେ ରବିବାର ସକାଳେ ଝୁଲନ୍ତା ଅବସ୍ଥାରେ ସ୍ୱର୍ଣ୍ଣଲତାଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ସ୍ତ୍ରୀ ବେକରେ ଗାମୁଛା ଲଗାଇ ଆତ୍ମହତ୍ୟା କରିଥିବା ସ୍ୱାମୀ ବାପୁନି କହୁଛନ୍ତି। କିନ୍ତୁ ଗୋଟିଏ ଛୋଟ ରୁମ୍‌ରେ ବାପୁନି ଶୋଇଥିବା ଅବସ୍ଥାରେ ସ୍ୱର୍ଣ୍ଣଲତା କିଭଳି ଆତ୍ମହତ୍ୟା କଲେ ତାକୁ ନେଇ ପୁଲିସର ସନ୍ଦେହ ହୋଇଛି। ଏମିତିକି ବାପୁନିର କଥାରେ ତାଳମେଳ ରହୁ ନ ଥିବାରୁ ତାକୁ ସନ୍ଦେହ ପରିସରକୁ ନେଇ ତନାଘନା କରୁଛି ଖାରବେଳ ନଗର ଥାନା। ଘଟଣାସ୍ଥଳରେ ଖାରବେଳ ନଗର ଥାନା ଓ ସାଇଣ୍ଟିଫିକ୍ ଟିମ୍ ପୁଲିସ ପହଞ୍ଚି ତଦନ୍ତ କରୁଛି। ଅନ୍ୟପକ୍ଷରେ ସ୍ୱର୍ଣ୍ଣଲତାଙ୍କୁ ତାଙ୍କ ସ୍ୱାମୀ ତଣ୍ଟି ଚିପି ହତ୍ୟା କରିଥିବା ପରିବାର ଲୋକେ ଅଭିଯୋଗ ଆଣିଛନ୍ତି। ସ୍ୱର୍ଣ୍ଣଲତାଙ୍କ ବାପା ନନ୍ଦକିଶୋର ମହାନନ୍ଦିଆ କହିଛନ୍ତି, ମୋ ଝିଅ ବର୍ଷେ ତଳେ ବିବାହ କରିଥିଲା। ୩ ମାସ ହେବ ଏଠି ଆସି ରହୁଥିଲେ। ଉଭୟଙ୍କ ମଧ୍ୟରେ ଝଗଡ଼ା ହୁଏ। ତାକୁ ତା'ର ସ୍ୱାମୀ ମାରପିଟ୍ କରେ। ମୋ ଝିଅକୁ ତା' ସ୍ୱାମୀ ତଣ୍ଟି ଚିପି ମାରି ଦେଇ ତାକୁ ଝୁଲାଇ ଦେଇଛି।

■ ପୁଲିସର ନିଦ ହଜାଇଲେ ଚୋର

# ଝରକା ତାଡ଼ି ଲୁଟିନେଲେ ୨୦ ଭରି ସୁନା

ଭୁବନେଶ୍ୱର,୧୦।୧୧(ସମିସ): କମିସନରେଟ୍ ପୁଲିସର ନିଦ ହଜାଇଛନ୍ତି ଲୁଟେରା। ପୁଲିସକୁ ଚ୍ୟାଲେଞ୍ଜ ଦେଇ ଦୁର୍ବୃତ୍ତମାନେ ଲୁଟ୍‌ପାଟ୍ କରୁଛନ୍ତି। କେତେବେଳେ ଘରେ ପଶି କଳାକନା ବୁଲାଉଥିବାବେଳେ ଆଉ କେତବେଳେ ରାସ୍ତା ଉପରୁ ଝାମ୍ପି ନେଉଛନ୍ତି। ଆହୁରି ମଧ୍ୟ ରାସ୍ତା ମଝିରେ ଗୋଡ଼ାଇ ଗୋଡ଼ାଇ ହାଣୁଛନ୍ତି। ଯେଉଁଥିପାଇଁ ସହରବାସୀ ନିଜକୁ ଅସୁରକ୍ଷିତ ମଣିଲେଣି। ଏହା ପୁଲିସ ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟିଛି। ଶନିବାର ବିଳମ୍ବିତ ରାତିରେ ଭୁବନେଶ୍ୱର ଇନ୍‌ଫୋସିଟି ଥାନା ଅଧୀନରେ ଥିବା ଶ୍ରୀ ଗଣେଶ ବିହାରରୁ ହୋଇଛି ଲୁଟ୍। ବଂଶୀଧର ଗୌଡ଼ଙ୍କ ଘରର ଝରକା ଗ୍ରୀଲ୍ ତାଡ଼ି ଲୁଟେରା ପଶି ୨୦ ଭରି ସୁନା ଗହଣା ସହ ଟଙ୍କା ନେଇଯାଇଛନ୍ତି। ସକାଳେ ଉଠି ଲୁଟ୍ ହୋଇଥିବା ଜାଣିବା ପରେ ପୁଲିସକୁ ଖବର ଦେଇଥିଲେ ବଂଶୀଧର। ଏହାପରେ ଘଟଣାସ୍ଥଳରେ ସାଇଣ୍ଟିଫିକ୍ ଟିମ୍, ଡଗ୍ ସ୍କ୍ୱାଡ୍ ସହ ଇନ୍‌ଫୋସିଟି ପୁଲିସ ପହଞ୍ଚି ତଦନ୍ତ କରିଛି। କିନ୍ତୁ ବର୍ତ୍ତମାନ ସୁଦ୍ଧା ଚୋରଙ୍କ ଟେର୍ ପାଇପାରିନି ପୁଲିସ। ୧୫ ଦିନ ତଳେ ବି ସମାନ ଢଙ୍ଗରେ ବଂଶୀଧରଙ୍କ ଘର ସାମ୍ନାରେ ଥିବା ଆଉ ଏକ ଘରୁ ଲୁଟ୍ ହୋଇଥିଲା। ଯେଉଁଥିରେ ଏବେଯାଏ ପୁଲିସର ହାତ ଖାଲି ପଡ଼ିଛି। ବାରମ୍ବାର ଏଭଳି ଲୁଟ୍ ନେଇ ଏବେ ଭୟଭୀତ ଅବସ୍ଥାରେ ଅଛନ୍ତି ଲୋକେ।

# ଡିଭାଇଡରରେ ପିଟିହୋଇ ବାଇକ୍ ଚାଳକ ମୃତ

ଭୁବନେଶ୍ୱର,୧୦।୧୧(ସମିସ): ଖଣ୍ଡଗିରି ଥାନା ଡେଲ୍‌ଟା ଛକରେ ଏକ ସଡ଼କ ଦୁର୍ଘଟଣାରେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ବାଇକ୍ ପଛରେ ବସିଥିବା ଅନ୍ୟ ଜଣେ ଯୁବକ ଗୁରୁତର ଆହତ ହୋଇ ଚିକିତ୍ସିତ ହେଉଛନ୍ତି। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କ୍ୟାପିଟାଲ ହସ୍ପିଟାଲକୁ ପଠାଇ ଦେଇଛି। ଏନେଇ ପୁଲିସ ଏକ ଦୁର୍ଘଟଣା ଜନିତ ମାମଲା ରୁଜୁ କରି ତଦନ୍ତ କରୁଛି। ରାତି ୯ଟା ସମୟରେ ଦୁଇ ଯୁବକ ବାଇକ୍‌ରେ ଦ୍ରୁତଗତିରେ ଫାୟାରଷ୍ଟେସନ ଛକରୁ ଡେଲ୍‌ଟା ଛକ ଅଭିମୁଖେ ଯାଉଥିଲେ। ଏହି ସମୟରେ ଗାଡ଼ିର ଭାରସାମ୍ୟ ହରାଇ ଡିଭାଇଡରରେ ପିଟି ହୋଇଥିଲେ। ହେଲ୍‌ମେଟ୍ ନ ଥିବାରୁ ମୁଣ୍ଡ ପିଟି ହୋଇ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଜଣେ ଆହତ ହୋଇଥିଲେ।

## 'ଅପମୃତ୍ୟୁ'ରେ ଭୁବନେଶ୍ୱରକୁ ଟପିଲା କଟକ

# ୧୦ ମାସରେ ଦ୍ୱୈତ ନଗରୀରେ ମଲେଣି ୪୬୮

ଭୁବନେଶ୍ୱର,୧୦।୧୧(ସମିସ):

ଦ୍ୱୈତ ନଗରୀରେ ଅପମୃତ୍ୟୁ ମାମଲା ଶିଖର ଛୁଇଁଛି। ଆତ୍ମହତ୍ୟା, ଦୁର୍ଘଟଣା, ସର୍ପଦଂଶନ ସହ ଅସ୍ୱାଭାବିକ ମୃତ୍ୟୁ ଘଟଣା ସାମ୍ନାକୁ ଆସୁଛି। ଏହି ଘଟଣାଗୁଡ଼ିକୁ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଛି କମିସନରେଟ୍ ପୁଲିସ। ଜାନୁଆରୀଠାରୁ ଅକ୍ଟୋବର ଅର୍ଥାତ୍ ଗତ ୧୦ ମାସରେ ଦ୍ୱୈତ ନଗରୀରେ ୪୬୮ ଜଣଙ୍କର ମୃତ୍ୟୁ ହୋଇଛି। ଭୁବନେଶ୍ୱରରେ ୨୧୨ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ କଟକରେ ୨୫୬ ଜଣଙ୍କର ମୃତ୍ୟୁ ହୋଇଛି। ଅନୁରୂପ ଭାବେ ୪୬୮ ଜଣ ମୃତକଙ୍କ ମଧ୍ୟରେ ୩୪୪ଜଣ ପୁରୁଷ ଥିବାବେଳେ ୧୨୪ ଜଣ ମହିଳା ରହିଛନ୍ତି। ସବୁଠାରୁ ବଡ଼କଥା ହେଲା ଅପମୃତ୍ୟୁ ମାମଲାରେ ଭୁବନେଶ୍ୱରକୁ ଟପିଛି କଟକ। ସେହିପରି ଦ୍ୱୈତ ନଗରୀରେ ବିଷପିଇ ୯୪, ଝୁଲନ୍ତା ଅବସ୍ଥାରେ ୨୬, ପାଣିରେ ବୁଡ଼ି ୧୨, ନିଆଁରେ ପୋଡ଼ି ୨୨, ବିଦ୍ୟୁତ୍ ଆଘାତରେ ୪, ଦୁର୍ଘଟଣାରେ ୧୧୧, ସାପ କାମୁଡ଼ାରେ ୩୧, ଉଚ୍ଚାରୁ ଖସି ୧୫ ଜଣଙ୍କ ମୃତ୍ୟୁ ହୋଇଛି। ଦ୍ୱୈତ ନଗରୀର ବିଭିନ୍ନ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ୧୫୩ ଜଣଙ୍କର ମୃତ୍ୟୁ ହୋଇଛି। ଭୁବନେଶ୍ୱରରେ ୮୦ ଜଣ ଓ କଟକରେ ୭୩ ଜଣଙ୍କର ମୃତ୍ୟୁ ହୋଇଛି। ଏଥିସହ ବିଷକ୍ରିୟା, ଝୁଲନ୍ତା, ଛାତରୁ ଡେଇଁ, ପାଣିକୁ ଡେଇଁ ଓ ନିଆଁରେ ପୋଡ଼ି ହୋଇ ଅନେକ ଆତ୍ମହତ୍ୟା କରିଛନ୍ତି। ଏହି ତଥ୍ୟ ଦେଖିଲେ ଦ୍ୱୈତନଗରୀରେ ଆତ୍ମହତ୍ୟା ସଂଖ୍ୟା ୧୫୦ ଛୁଇଁଥିବା ରିପୋର୍ଟରୁ ଜଣାପଡ଼ିଛି।

**ବିଷକ୍ରିୟାରେ ୯୪; ଝୁଲିଛନ୍ତି ୨୬**

**ସାପକାମୁଡ଼ାରେ ଗଲାଣି ୩୧ ଜୀବନ**

**ଆତ୍ମହତ୍ୟା ଜନିତ ମାମଲା ୧୫୦ ଛୁଇଁବ**

**୩୪୪ ପୁରୁଷ ଓ ୧୨୪ ମହିଳା**

## ଦୁର୍ଘଟଣାରେ ଗଡ଼ିଲାଣି ୧୧୧ ମୁଣ୍ଡ

ମହାମାରୀ ନୁହେଁ, ସଡ଼କ ଦୁର୍ଘଟଣା ବିଭୀଷିକା। ଦ୍ୱୈତ ନଗରୀରେ ଦୁର୍ଘଟଣାଜନିତ ମୃତ୍ୟୁ ଚିନ୍ତାଜନକ। ରକ୍ତରଞ୍ଜିତ ରାଜରାସ୍ତାଠାରୁ ରାଜପଥ। ରକ୍ତରେ ଭିଜୁଛି ଦ୍ୱୈତ ନଗରୀର ରାଜରାସ୍ତା। ଗାଡ଼ି ଚଳାଇବା ସମୟରେ ଏପଟସେପଟ ହେଲେ ଦୁର୍ଘଟଣା ହେବାଟା ଥୟ। ଗାଡ଼ି ଚାଳକଙ୍କ ମୃତ୍ୟୁ କିମ୍ବା ଗୁରୁତର ହେବା ସୁନିଶ୍ଚିତ। ଦୁର୍ଘଟଣାଜନିତ ମୃତ୍ୟୁ ଖବର ଏବେ ଶିରୋନାମା ପାଲଟିଛି। ଦ୍ୱୈତ ନଗରରେ ଦିନକୁ ଦିନ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ସଂଖ୍ୟା ବଢ଼ିବାରେ ଲାଗିଛି। ଦିନ ହେଉ କି ରାତି ସହରରେ ଦୁର୍ଘଟଣା ଘଟିବାରୁ ଜୀବନ ଚାଲିଯାଉଛି। ଗତ ୧୦ ମାସରେ ଦ୍ୱୈତ ନଗରୀରେ ୧୧୧ ଜଣଙ୍କ ମୃତ୍ୟୁ ହୋଇଛି। ଭୁବନେଶ୍ୱରରେ ୪୭ଜଣଙ୍କ ମୃତ୍ୟୁ ହୋଇଥିବାବେଳେ କଟକରେ ୬୪ ଜଣଙ୍କର ମୃତ୍ୟୁ ହୋଇଛି।



## ପୁରୁଷରେ ଯୁବବର୍ଗ ଓ ମହିଳାଙ୍କ ମଧ୍ୟରେ ବୟସ୍କା ଆଗରେ

| ମୃତ୍ୟୁର କାରଣ | ଭୁବନେଶ୍ୱର | କଟକ |
|---|---|---|
| ବିଷ | ୩୨ | ୬୨ |
| ଝୁଲନ୍ତା | ୧୫ | ୧୧ |
| ପାଣିରେ ବୁଡ଼ି | ୦୪ | ୦୮ |
| ନିଆଁରେ ପୋଡ଼ି | ୧୦ | ୧୨ |
| ବିଦ୍ୟୁତ୍ ଆଘାତ | ୦୩ | ୦୧ |
| ସାପ କାମୁଡ଼ା | ୧୨ | ୧୯ |

ମୃତକଙ୍କ କ୍ଷେତ୍ରରେ ଅଧିକ ପୁରୁଷ ରହିଥିବାବେଳେ ମହିଳାଙ୍କ ସଂଖ୍ୟା ବି କମ୍ ନାହିଁ। ଦ୍ୱୈତ ନଗରୀରେ ବିଭିନ୍ନ କାରଣକୁ ନେଇ ମୃତ୍ୟୁ ହୋଇଥିବା ଲୋକଙ୍କ ବୟସ ଅନୁପାତକୁ ନେଇ ତର୍ଜମା କରାଯାଉଛି। ଦ୍ୱୈତ ନଗରୀରେ ପୁରୁଷମାନଙ୍କ କ୍ଷେତ୍ରରେ ଅଧିକ ଯୁବବର୍ଗ(୩୧ରୁ ୪୦)ଙ୍କ ମୃତ୍ୟୁ ହୋଇଛି। ଅନୁରୂପ ଭାବେ ମହିଳାଙ୍କ କ୍ଷେତ୍ରରେ ଏହା ମଧ୍ୟବୟସ୍କା (୫୧ରୁ ୬୦) ବର୍ଷିଆଙ୍କ ମୃତ୍ୟୁ ଅଧିକ ରହିଛି। ମୋଟାମୋଟି କହିବାକୁ ଗଲେ ଯେତିକି ମୃତ୍ୟୁ ଘଟିଛି, ସେଥିରେ ଯୁବବର୍ଗଙ୍କ ସଂଖ୍ୟା ଢେର୍ ଅଧିକ। ୧୦ ବର୍ଷରୁ କମ୍ ୯ଜଣ, ୧୧ରୁ ୨୦ ବର୍ଷ ମଧ୍ୟରେ ୪୯ଜଣ, ୨୧ରୁ ୩୦ବର୍ଷ ମଧ୍ୟରେ ୭୯ଜଣ, ୩୧ରୁ ୪୦ବର୍ଷ ମଧ୍ୟରେ ୮୫ଜଣ, ୪୧ରୁ ୫୦ ବର୍ଷ ମଧ୍ୟରେ ୮୦ଜଣ, ୫୧ରୁ ୬୦ବର୍ଷ ମଧ୍ୟରେ ୮୪ଜଣ, ୬୧ରୁ ୭୦ବର୍ଷ ମଧ୍ୟରେ ୫୦ଜଣ ଏବଂ ୭୧ ବର୍ଷରୁ ଅଧିକ ବୟସ୍କ ବ୍ୟକ୍ତି ୩୨ଜଣ ରହିଛନ୍ତି।

## ପୁଲିସ ପଞ୍ଝାରେ ଲୁଟେରା ଗ୍ୟାଙ୍ଗ୍‌ର ୪

# ୪୦ ମୋବାଇଲ୍, ୨ ଗାଡ଼ି ଜବତ

ଭୁବନେଶ୍ୱର,୧୦।୧୧(ସମିସ): ରାଜଧାନୀ ରାଜରାସ୍ତାରେ ଖଣ୍ଡା ଦେଖାଇ ଲୁଟପାଟ କରୁଥିବା ଗ୍ୟାଙ୍ଗର ୪ ଜଣଙ୍କୁ ଗିରଫ କରିଛି ନୂଆପଲ୍ଲୀ ଥାନା ପୁଲିସ। ଗିରଫ ଅଭିଯୁକ୍ତମାନେ ହେଲେ ୟୁନିଟ୍ ୮ ନାରାୟଣ ବସ୍ତିର ରାଜେଶ ଦିଗାଲ (୧୯), ନୂଆପଲ୍ଲୀ ନୂଆସାହି ଅଞ୍ଚଳର ଚିନ୍ମୟ ରାଉତ (୨୧), ଖଣ୍ଡଗିରି ଥାନା ହାଟ ସାହିର ନିରାକାର ନାୟକ (୨୫) ଓ ବାଦଲ ନାୟକ (୨୫)।

**ଧରା ପକାଇଦେଲା ନମ୍ବର ପ୍ଲେଟ୍**

**ଭୋରରୁ ଖଣ୍ଡା ଦେଖାଇ ଲୁଟୁଥିଲେ**



ପୁଲିସ ସୂଚନା ଅନୁସାରେ, ଗତ ଗୁରୁବାର ଭୋର୍ ସମୟରେ ବ୍ୟୋମକେଶ ଚୌଧୁରୀ ଜୟଦେବ ବିହାର ଛକ ପାର୍ଶ୍ୱରୁ ନୟାପଲ୍ଲୀ ସ୍ଥିତ ଭି-୨ ସପିଙ୍ଗ୍ ମଲକୁ ଫେରୁଥିଲେ। ସେହି ସମୟରେ ରାଜେଶ, ଚିନ୍ମୟ, ନିରାକାର ଓ ବାଦଲ ଦୁଇଟି ଗାଡ଼ିରେ ଆସି ବ୍ୟୋମକେଶଙ୍କୁ ଧମକାଇଥିଲେ। ଖଣ୍ଡା ଦେଖାଇ ଭୟଭୀତ କରିବା ସହିତ ତାଙ୍କ ମୋବାଇଲ୍ ଫୋନ୍ ଛଡ଼ାଇ ନେଇଥିଲେ। ବ୍ୟୋମକେଶ ଲୁଟେରାଙ୍କ ବାଇକ୍ ନମ୍ବରଟିକୁ ମନେରଖି ନୂଆପଲ୍ଲୀ ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ସିସିଟିଭି ଫୁଟେଜ୍ ଓ ଗାଡ଼ି ନମ୍ବର ଆଧାରରେ ତଦନ୍ତ ଆରମ୍ଭ କରିଥିଲା। ସେପଟେ ସିଆରପି ଛକ ନିକଟରେ ଦୁଇ ଜଣ ସନ୍ଦିଗ୍ଧ ଅବସ୍ଥାରେ ବୁଲୁଥିବା ଖବରପାଇ ପୁଲିସ ଟିମ୍ ଚଢ଼ଉ କରିଥିଲା। ସେଠାରୁ ବାଦଲ ଓ ନିରାକାରଙ୍କୁ ଉଠାଇ ଆଣିବା ପରେ ଗ୍ୟାଙ୍ଗର ଗୁମର ଖୋଲିଥିଲା। ସେମାନେ ୨ଟି ଗାଡ଼ିରେ ଖଣ୍ଡା ଓ ଛୁରି ଦେଖାଇ ଏକାଧିକ ମୋବାଇଲ ଛିନତାଇ କରିଥିବା ପୁଲିସ ଆଗରେ ସ୍ୱୀକାର କରିଥିଲେ। ସେମାନଙ୍କଠାରୁ ମିଳିଥିବା ତଥ୍ୟ ଆଧାରରେ ଚଢ଼ଉ କରି ପୁଲିସ ରାଜେଶ ଓ ଚିନ୍ମୟଙ୍କୁ କାବୁ କରିଥିଲା। ଅଭିଯୁକ୍ତଙ୍କ ଘରେ ଛାନଭିନ୍ କରି ୪୦ଟି ମୋବାଇଲ୍ ଫୋନ୍, ଗୋଟିଏ ଖଣ୍ଡା, ଗୋଟିଏ ଛୁରି, ଗୋଟିଏ ମୋଟର ସାଇକଲ, ଗୋଟିଏ ସ୍କୁଟି ଓ ଗୋଟିଏ ଗ୍ୟାସ୍ ସିଲିଣ୍ଡର୍ ଜବତ କରିଥିଲା। ରବିବାର ଅପରାହ୍ଣରେ ୪ ଜଣଙ୍କୁ କୋର୍ଟ ଚାଲାଣ କରିଛି ପୁଲିସ।

## ଯୁବକଙ୍କୁ ସଙ୍ଘବଦ୍ଧ ଆକ୍ରମଣ; ୩ ଗିରଫ

ଭୁବନେଶ୍ୱର,୧୦।୧୧(ସମିସ): ଯୁବକଙ୍କୁ ସଙ୍ଘବଦ୍ଧ ଆକ୍ରମଣ କରିଥିବା ଘଟଣାରେ ୩ ଜଣଙ୍କୁ ଗିରଫ କରିଛି କ୍ୟାପିଟାଲ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି ୟୁନିଟ୍ ୬ ତାରିଣୀ ବସ୍ତିର ସୁନିଲ ନାୟକ (୨୫), ଗଙ୍ଗନଗର ପଲ୍ଲୀ ବସ୍ତିର ସାଗର ମୁଖୀ (୧୯) ଓ ରିତେଶ ଜେନା (୧୮)। ପୁଲିସ ଅନୁସାରେ, ଶନିବାର ରାତିରେ ରାଜେଶ ଓ ତାଙ୍କ ବନ୍ଧୁମାନେ ଗଙ୍ଗନଗର ଦୁର୍ଗାମଣ୍ଡପ ନିକଟରେ ଥିବା କିଚେନ ୯୯ରେ ଭୋଜନ କରୁଥିଲେ। ସେହି ସମୟରେ ସୁନିଲ, ସାଗର ଓ ରିତେଶ ସେଠାରେ ତାଙ୍କୁ ଅଟକାଇ ଆକ୍ରମଣ କରିଥିଲେ। ଏନେଇ କ୍ୟାପିଟାଲ ଥାନାରେ ଅଭିଯୋଗ ହେବାପରେ ପୁଲିସ ମାମଲା ରୁଜୁ କରିବା ସହିତ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ମନ୍ଦିରରୁ ଚୋରିକରି ବନ୍ଧାହେଲେ ଦୁଇ

ଭୁବନେଶ୍ୱର/ ବାଲିଅନ୍ତା,୧୦।୧୧(ସମିସ): ମନ୍ଦିରରୁ ଚୋରି କରିଥିବା ଗ୍ୟାଙ୍ଗର ଦୁଇ ଜଣଙ୍କୁ ଗିରଫ କରିଛି ଏୟାରଫିଲ୍ଡ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି ବରମୁଣ୍ଡାର ଅଶୋକ ସାହୁ (୩୪) ଓ ସମୀର ପ୍ରଧାନ (୨୬)। ପୁଲିସ ସୂଚନା ଅନୁସାରେ, ଗତ ୨ ତାରିଖ ରାତି ୧୧ଟାରେ ଜାମୁକୋଳି ସ୍ଥିତ ରାଧାକାନ୍ତ ଦେବଙ୍କ ପୂଜାରୀ ମନ୍ଦିର କବାଟ ତାଲା ପକାଇ ଘରକୁ ଯାଇଥିଲେ। ବିଳମ୍ବିତ ରାତିରେ ଅଶୋକ ଓ ସମୀର ଏକ ସ୍କୁଟିରେ ଆସି ରାଧାକାନ୍ତ ଦେବ ମନ୍ଦିର ତାଲା କାଟି ମନ୍ଦିର ଭିତରୁ ପିତ୍ତଳ ସାମଗ୍ରୀ, ରୁପା ମୁକୁଟ, ରୁପା ବଂଶୀ, ରୁପାର ଏକ ପ୍ରତିମା, ଗୋଟିଏ ମୃଦଙ୍ଗ ଘଣ୍ଟା, ସାଉଣ୍ଡ ଆମ୍ପ୍ଲିଫାୟାର ଓ ଅନ୍ୟାନ୍ୟ ସାମଗ୍ରୀ ଚୋରି କରି ନେଇଥିଲେ। ଏନେଇ ଶ୍ରୀନିବାସ ଛୋଟରାୟ ଏୟାରଫିଲ୍ଡ ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିବା ସହିତ ଅଶୋକ ଓ ସମୀରଙ୍କୁ ଥାନାକୁ ଉଠାଇ ଆଣିଥିଲା। ସେମାନେ ବାଲକାଟି ବଜାରରେ ଥିବା ରଘୁନାଥ ସାହୁଙ୍କ ଦୋକାନରେ ୨୨ ପଟ ଗିନି ଓ ୨ଟି ଘଣ୍ଟ ବିକ୍ରି କରିଥିବା ସ୍ୱୀକାର କରିଥିଲେ। ବାଲକାଟି ଫାଣ୍ଡି ଅଧିକାରୀଙ୍କ ସହାୟତାରେ ଏୟାରଫିଲ୍ଡ ଥାନା ପୁଲିସ ଆସାମୀକୁ ଧରି ଉକ୍ତ ଦୋକାନରେ ଚଢ଼ଉ କରି ଚୋରି ଜିନିଷ ଉଦ୍ଧାର କରିଛନ୍ତି। ସେପଟେ ଅଶୋକ ତାଙ୍କ ଘରେ ଲୁଚାଇ ରଖିଥିବା ଚୋରି ସାମଗ୍ରୀ ସମେତ ଘଟଣାରେ ବ୍ୟବହୃତ ଲୁହା କଟର ମେସିନ୍, ନିହାଣ ଓ ଏକ ସ୍କୁଟି ଜବତ କରିଥିଲେ। ଅଭିଯୁକ୍ତମାନେ ପୂର୍ବରୁ ବରୁଣେଶ୍ୱର ମନ୍ଦିରରୁ ଚୋରି କରିଥିବା ସ୍ୱୀକାର କରିଥିଲେ।

## ଦୁଇ ପୃଥକ୍ ଦୁର୍ଘଟଣାରେ ୫ ଆହତ



ଭୁବନେଶ୍ୱର,୧୦।୧୧(ସମିସ): ଶନିବାର ରାତିରେ ରାଜଧାନୀରେ ଦୁଇଟି ଦୁର୍ଘଟଣା ଘଟିଛି। ଡମଣା ଛକରେ ରାସ୍ତା ପାର୍ ହେବାକୁ ସ୍କୁଟରରେ ଛିଡ଼ା ହୋଇଥିବା ବୟସ୍କ ଦମ୍ପତିଙ୍କ ଉପରେ କାର୍ ଚଢ଼ିଯାଇଛି। ସେହିପରି ନୂଆପଲ୍ଲୀ ଓଭରବ୍ରିଜ୍ ଉପରେ ଟ୍ରକକୁ ଧକ୍କା ଦେଇ ରାସ୍ତାରେ ଥିବା କାରକୁ ଆଉ ଏକ କାର୍ ଧକ୍କା ଦେଇଛି। ଉଭୟ ସ୍ଥାନରେ ୫ ଆହତଙ୍କୁ ପୁଲିସ ଡାକ୍ତରଖାନାରେ ଭର୍ତ୍ତି କରିଛି।

ମିଳିଥିବା ସୂଚନା ଅନୁସାରେ, ବୟସ୍କ ଦମ୍ପତି ସ୍କୁଟି ଯୋଗେ ଜୟଦେବ ବିହାରରୁ ଡମଣା ଯାଉଥିଲେ। ସେମାନେ ରାସ୍ତା ପାର୍ ହେବା ଲାଗି ଡମଣା ଛକରେ ଅପେକ୍ଷା କରିଥିବାବେଳେ ପଟିଆରୁ ଜୟଦେବ ବିହାର ଯାଉଥିବା ଏକ କାର୍ ତାଙ୍କ ଉପରେ ଚଢ଼ି ଯାଇଥିଲା। ସ୍ଥାନୀୟ ଲୋକେ ଆହତଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିବା ସହିତ ନିଶାସକ୍ତ ଚାଳକକୁ କାବୁ କରି ପୁଲିସ ଜିମା ଦେଇଥିଲେ। ସେହିପରି ୧୬ନଂ ଜାତୀୟ ରାଜପଥର ନୂଆପଲ୍ଲୀ ଓଭରବ୍ରିଜରେ ମଧ୍ୟ ସିରିଜ୍ ଦୁର୍ଘଟଣା ଘଟିଛି। ଭୁବନେଶ୍ୱରରୁ କଟକ ଆଡ଼କୁ ଯାଉଥିବା ଏକ ଏସୟୁଭି କାର୍ ଟ୍ରକକୁ ପଛରୁ ଧକ୍କା ଦେଇଥିଲା। ଦୁର୍ଘଟଣା ପରେ ଟ୍ରକ୍ ଘଟଣାସ୍ଥଳରୁ ପଳାଇଥିଲା। ସେହି ସମୟରେ ରାସ୍ତା ଉପରେ ଥିବା ଦୁର୍ଘଟଣାଗ୍ରସ୍ତ କାରକୁ ଆଉ ଏକ କାର୍ ପଛରୁ ଧକ୍କା ଦେଇଥିଲା। ଖବରପାଇ ନୂଆପଲ୍ଲୀ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ୩ ଜଣ ଆହତଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲା।

## ଅକ୍ଟୋବରରେ ଭୁବନେଶ୍ୱରରୁ ୨୨୧ ଗିରଫ

ଭୁବନେଶ୍ୱର,୧୦।୧୧(ସମିସ): ରାଜଧାନୀରେ ଅପରାଧ ବଢ଼ିବାରୁ ଅପରାଧ ଦମନ ଲାଗି କମିସନରେଟ୍ ପୁଲିସ କଠୋର ହୋଇଛି। କେବଳ ଅପରାଧୀଙ୍କୁ ଗିରଫ ନୁହେଁ ସମ୍ପତ୍ତି ଜବତକୁ ବି ଗୁରୁତ୍ୱ ଦିଆଯାଉଛି। ସାଇବରଜନିତ ହେଉ ଅବା ଘରୁ ଲୁଟ୍‌ପାଟ୍ କିମ୍ବା ଛିନ୍‌ତାଇ ଓ ଡକାୟତି ଜନିତ ମାମଲାରେ ପୁଲିସକୁ ସଫଳତା ମିଳିଛି। ସହରାଞ୍ଚଳର ୨୫ଟି ଥାନା ଅଞ୍ଚଳରେ ଅପରାଧୀଙ୍କୁ ଗିରଫ ସହ ସମ୍ପତ୍ତି ଜବତ କରିବା ଲାଗି ଗୁରୁତ୍ୱାରୋପ କରାଯାଇଥିଲା। ଗତ ଅକ୍ଟୋବର ମାସରେ ରାଜଧାନୀରୁ ୨୨୧ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେମାନଙ୍କଠାରୁ ନଗଦ ୪୮ ଲକ୍ଷ ୫୨ହଜାର ୧୩ ଟଙ୍କା, ୩୬୫ ଗ୍ରାମ୍ ସୁନା, ୧୭୦ ଗ୍ରାମ୍ ରୁପା, ୧୨୫ଟି ମୋବାଇଲ୍ ଫୋନ୍, ୧୫ଟି ବାଇକ୍, ୨ଟି ଅଟୋ, ୮ଟି କାର୍ ଜବତ କରାଯାଇଛି। ଅନ୍ୟ ଜବତ ସମ୍ପତ୍ତିର ମୂଲ୍ୟ ଆକଳନ କଲେ ପ୍ରାୟ ୧ ଲକ୍ଷ ୨୪ହଜାର ୫୦୦ ଟଙ୍କାର ସମ୍ପତ୍ତି ଜବତ କରାଯାଇଛି।

***୪୮ ଲକ୍ଷ ଟଙ୍କା, ୩୬୫ ଗ୍ରାମ୍ ସୁନା ଓ ୧୭୦ ଗ୍ରାମ୍ ରୁପା ଗହଣା ଜବତ***

***ଠାବ ହେଲାଣି ୧୨୫ ଫୋନ୍, ୮ କାର୍ ଓ ୧୫ ବାଇକ୍***

# ଭଙ୍ଗାଯିବ ସ୍ମାର୍ଟ ଜନପଥ

## ମେଟ୍ରୋ ରେଳ ପ୍ରକଳ୍ପ ପାଇଁ ଚଉଡ଼ା ହେବ ରାସ୍ତା

ଭୁବନେଶ୍ୱର,୧୦।୧୧(ସମିସ):

ରାଜଧାନୀର ବହୁ ଚର୍ଚ୍ଚିତ ତଥା ମୁଖ୍ୟ ଆକର୍ଷଣ ପାଲଟିଥିବା ଶିଶୁ ଭବନ ଛକରୁ ବାଣୀବିହାର ପର୍ଯ୍ୟନ୍ତ ସ୍ମାର୍ଟ ଜନପଥକୁ ଭଙ୍ଗାଯିବ। ସ୍ମାର୍ଟ ସିଟି ମିଶନ୍ ଅଧୀନରେ ନିର୍ମିତ ସ୍ମାର୍ଟ ଜନପଥ ମେଟ୍ରୋ ପ୍ରକଳ୍ପ ନିର୍ମାଣ ପାଇଁ ଭଙ୍ଗାଯିବ। ପ୍ରସ୍ତାବିତ ମେଟ୍ରୋ ରେଳପଥ ପାଇଁ ନିର୍ମାଣ ହେତୁ କାମ ଆରମ୍ଭ ପୂର୍ବରୁ ଏହାକୁ ଭାଙ୍ଗିବା ଯୋଜନା ହୋଇଛି। ଜନପଥ ଭଙ୍ଗାଗଢ଼ାର ପୂରା ଖର୍ଚ୍ଚ ଭୁବନେଶ୍ୱର ମେଟ୍ରୋ ରେଳ କର୍ପୋରେସନ୍ ବହନ କରିବ ବୋଲି ଜଣାପଡ଼ିଛି। ଏହି ରାସ୍ତା ଦେଇ ମେଟ୍ରୋ ରେଳ ଗଡ଼ିବାର ଯୋଜନା ଥିବାରୁ ମେଡିଆନ୍‌ରେ ମେଟ୍ରୋ ପିଲାର ଖୋଳାଯିବ। କାମ ଚାଲିବା ସହିତ ଲୋକଙ୍କ ଯିବାଆସିବା ପାଇଁ ରାସ୍ତାକୁ ଚଉଡ଼ା କରାଯିବ। ଏଣୁ ଜନପଥ ସୌନ୍ଦର୍ଯ୍ୟକରଣ ସ୍ଥାନ ସହିତ ମେଡିଆନ୍, ପାର୍କିଂ ସ୍ଥଳ ଆଦି ପର୍ଯ୍ୟାୟକ୍ରମେ ଭଙ୍ଗାଯିବ। ଭଙ୍ଗାଯିବା ସ୍ଥାନରେ ଲୋକଙ୍କ ଯିବାଆସିବା ପାଇଁ ରାସ୍ତା ରହିବ। ଭଙ୍ଗାଯିବା ପୂର୍ବରୁ କିଛି ଜିନିଷ ସ୍ଥାନାନ୍ତରିତ ହେବାକୁ ଥିଲାବେଳେ ଆଉ କିଛିକୁ ସମ୍ପୂର୍ଣ୍ଣ ଭାବେ ନଷ୍ଟ କରି ଦିଆଯିବ। ସେହିପରି ଜନପଥରୁ ଅଣ୍ଡରଗ୍ରାଉଣ୍ଡ କେବୁଲକୁ ହଟାଇ ଦିଆଯିବ। ଏହାସହ ବିଭିନ୍ନ ଉଦ୍ଦେଶ୍ୟରେ ପୋତାଯାଇଥିବା ଖୁଣ୍ଟ ଏବଂ ଷ୍ଟ୍ରିଟ୍ ଲାଇଟ୍‌କୁ ହଟାଇ ଦିଆଯିବ। ଏହା ଦ୍ୱାରା ବହୁ କ୍ଷୟକ୍ଷତି ହେବ। ଏଣୁ ଏହାର କ୍ଷୟକ୍ଷତି ଆକଳନ ଆରମ୍ଭ କରିଛି ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ୍। ସ୍ମାର୍ଟ ସିଟି ପକ୍ଷରୁ ଏକ ସଂସ୍ଥା ଏହାର ସର୍ଭେ ଆରମ୍ଭ କରିଛି। ଉକ୍ତ ସଂସ୍ଥା ଖୁବ୍‌ଶୀଘ୍ର କ୍ଷୟକ୍ଷତି ଆକଳନର ରିପୋର୍ଟ ସ୍ମାର୍ଟ ସିଟିକୁ ହସ୍ତାନ୍ତର କରିବ। ଏହି ରିପୋର୍ଟ ଉପରେ ଆଲୋଚନା ହେବା ପରେ ଏହାକୁ ଭୁବନେଶ୍ୱର ମେଟ୍ରୋ ରେଳ କର୍ପୋରେସନକୁ ଏହାକୁ ହସ୍ତାନ୍ତର କରାଯିବ। ମେଟ୍ରୋ ରେଳ କର୍ପୋରେସନ କ୍ଷୟକ୍ଷତି ଜନିତ ହେଉଥିବା ଟଙ୍କା ପୈଠ କଲା ପରେ ଜନପଥକୁ ଭାଙ୍ଗି ଦିଆଯିବ। ଏବେ ରେଳ ପ୍ରକଳ୍ପ ପାଇଁ ଜନପଥର କିଛି ସ୍ଥାନରେ ମାଟି ପରୀକ୍ଷା କରାଯାଉଛି।

**କ୍ଷୟକ୍ଷତିର ଆକଳନ ଆରମ୍ଭ କଲା ସ୍ମାର୍ଟ ସିଟି ଲିମିଟେଡ୍**



ସୂଚନାଯୋଗ୍ୟ ଯେ, ୨୬୭ କୋଟି ଟଙ୍କା ବ୍ୟୟରେ ନିର୍ମିତ ସ୍ମାର୍ଟ ଜନପଥର ଦୈର୍ଘ୍ୟ ୫.୮ କିଲୋମିଟର। ଯାହା ଶିଶୁଭବନ ଛକଠାରୁ ରାଜମହଲ, ମାଷ୍ଟରକ୍ୟାଣ୍ଟିନ୍, ରାମ ମନ୍ଦିର ଦେଇ ବାଣୀବିହାର ପର୍ଯ୍ୟନ୍ତ ଲମ୍ବିଛି। ଏହି ପ୍ରକଳ୍ପ ଅଧୀନରେ ଲୋକଙ୍କ ଆମୋଦପ୍ରମୋଦ ପାଇଁ ସମ୍ପୂର୍ଣ୍ଣ ବ୍ୟବସ୍ଥା କରାଯାଇଥିଲା। ପବ୍ଲିକ୍ ପ୍ଲାଜା ବା ହ୍ୟାଙ୍ଗ୍ ଆଉଟ୍ ଜୋନ୍ ନିର୍ମାଣ କରାଯାଇଛି। ବିଭିନ୍ନ ସ୍ଥାନରେ ରଙ୍ଗାରଙ୍ଗ ଆଲୋକମାଳା ସହିତ ଲୋକଙ୍କ ବସିବା ପାଇଁ ସୁବିଧା କରାଯାଇଛି। କିଛି ସ୍ଥାନରେ ଗଛ ବି ଲଗାଯାଇଛି। ଏହା ବ୍ୟତୀତ ସ୍ମାର୍ଟ ଭେଣ୍ଡିଂ କିଓସ୍କ, ରାସ୍ତାକଡ଼ ଆସବାବପତ୍ର, ଅଣ୍ଡରଗ୍ରାଉଣ୍ଡ କେବୁଲ ପ୍ରଭୃତି ରହିଛି।

## ଶ୍ମଶାନରୁ ଦରପୋଡ଼ା ଶବ ଜବତ ମାମଲା

# ସରିଲା ବ୍ୟବଚ୍ଛେଦ; ରିପୋର୍ଟ ଆସିଲେ ହଟିବ ପରଦା

ଭୁବନେଶ୍ୱର,୧୦।୧୧(ସମିସ): ସତ୍ୟନଗର ଶ୍ମଶାନରୁ ବ୍ରହ୍ମଗିରିର ପୂର୍ବତନ ବିଧାୟକ ଅଜୟ କୁମାର ଜେନାଙ୍କ ଧର୍ମପତ୍ନୀ ଅଶ୍ରୁକଣା ପ୍ରଧାନଙ୍କ ଦରପୋଡ଼ା ମୃତଦେହ ଜବତ ଘଟଣାରେ ତଦନ୍ତ ଜାରି ରହିଛି। ରବିବାର ଏମ୍‌ସରେ ଅଶ୍ରୁକଣାଙ୍କ ଶବ ବ୍ୟବଚ୍ଛେଦ କରାଯାଇଛି। ଏହା ପରେ ଦରପୋଡ଼ା ଶବକୁ ପୁଣିଥରେ ପୋଡ଼ି ଦିଆଯାଇଛି। ଆସନ୍ତା ସପ୍ତାହେ ଭିତରେ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ଥାନାଧିକାରୀ ରଞ୍ଜନୀକାନ୍ତ ମିଶ୍ର ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ ଯେ, ଅଶ୍ରୁକଣାଙ୍କୁ ହତ୍ୟା କରି ତାଙ୍କ ବୋହୂ ଉପାସନା ଷଡ଼ଙ୍ଗୀ ତରବରିଆ ଭାବେ ସତ୍ୟନଗର ଶ୍ମଶାନରେ ଶବଦାହ କରି ଦେଉଥିବା ନେଇ ଅଶ୍ରୁକଣାଙ୍କ ସାନଭଉଣୀ ଅଭିଯୋଗ କରିଥିଲେ। ଖାରବେଳ ନଗର ଥାନା ପୁଲିସ ଶ୍ମଶାନରେ ପହଞ୍ଚି ଦରପୋଡ଼ା ଶବ ଜବତ କରିଥିଲା। ଏ ସଂକ୍ରାନ୍ତରେ ଖାରବେଳ ନଗର ଥାନାରେ ଏକ ହତ୍ୟା ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି।



# ଭୁବନେଶ୍ୱର ସିଟି

## ଅବନୀ ବରାଳ ସ୍ମୃତି ସମାରୋହ

ଭୁବନେଶ୍ୱର,୧୦।୧୧(ସମିସ): ନିଖିଳ ଉତ୍କଳ ଓଡ଼ିଶା ମହାସଂଘ ପକ୍ଷରୁ ରେଡକ୍ରସ ଭବନଠାରେ ଅବନୀ ବରାଳ ସ୍ମୃତି ସମାରୋହ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଫକୀର ମୋହନ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର କୁମରବର ଦାସ, ସମ୍ମାନିତ ଅତିଥି ଭାବେ ଓଡ଼ିଶା ଅବସରପ୍ରାପ୍ତ ଶିକ୍ଷକ ସଙ୍ଘର ସାଧାରଣ ସମ୍ପାଦକ ବିବେକାନନ୍ଦ ଦାଶ, ଅନୁଷ୍ଠାନର ସଭାପତି ଧନଞ୍ଜୟ କେଶରୀ ରାଉତରାୟ, ଯୁଗ୍ମ ସମ୍ପାଦକ ଉମାକାନ୍ତ ପାତ୍ର ଉପସ୍ଥିତ ଥିଲେ । ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ଡା. ଅଶୋକ କୁମାର ମହାପାତ୍ର, ରବି ସ୍ୱାଇଁ, ଅଶୋକ ପଟ୍ଟନାୟକ, ଦିଗାମ୍ବର ସାହୁ 'ଅବନୀ ବରାଳ ସ୍ମୃତି ସମ୍ମାନ'ରେ ସମ୍ମାନିତ ହୋଇଛନ୍ତି । ସେହିପରି ଦ୍ୱିତୀୟ ଅଧିବେଶନରେ ଓଡ଼ିଶା ଅବସରପ୍ରାପ୍ତ ଶିକ୍ଷକ ସଂଘର ସଭାପତି ଅଜୟ କୁମାର ସାମଲଙ୍କ ଅଧ୍ୟକ୍ଷତାରେ 'କେନ୍ଦ୍ରୀୟ ଶିକ୍ଷାନୀତି ଏବଂ ଓଡ଼ିଶା' ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅଖିଳ ଭାରତ ବିଶ୍ୱବିଦ୍ୟାଳୟ ଓ କଲେଜ ଶିକ୍ଷକ ମହାସଂଘର ଜାତୀୟ ଉପସଭାପତି ମାନସ ବେହେରା, ରେଭେନ୍ସା ବିଶ୍ୱବିଦ୍ୟାଳୟର ସହକାରୀ ପ୍ରଫେସର ସିଦ୍ଧାର୍ଥ ଭରଦ୍ୱାଜ, ଓଡ଼ିଶା ମାଧ୍ୟମିକ ଶିକ୍ଷକ ସଂଘର କୋଷାଧ୍ୟକ୍ଷ ଅଶୋକ କୁମାର ମହାପାତ୍ର, ଏଆଇଏଫ୍ଇଏର ସମ୍ପାଦକ କମଳ ଲୋଚନ ବିଶ୍ୱାଳ ଯୋଗଦେଇଥିଲେ । ଅମୀୟ କୁମାର ମହାନ୍ତି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବାବେଳେ ଅନୁଷ୍ଠାନର ସାଧାରଣ ସମ୍ପାଦକ ଦୁଷ୍ମନ୍ତ କୁମାର ନାୟକ ସ୍ୱାଗତ ଭାଷଣ ଦେଇଥିଲେ । ଶେଷରେ ବିଧୁଭୂଷଣ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଦୁର୍ଯ୍ୟୋଧନ ପରିଡ଼ା, ବୃନ୍ଦାବନ ମହାପାତ୍ର, ଲୋକନାଥ ରଥ, ଶରତ ଚନ୍ଦ୍ର ଦାସ, ସଂଘମିତ୍ରା ଜେନା, ଦିଲ୍ଲୀପ ମହାଭୋଇ ଉପସ୍ଥିତ ଥିଲେ ।

## ନନ୍ଦନକାନନରେ 'ବାନରଙ୍କ ଦୁନିଆ' ଖୁଆଡ଼ ଉଦ୍‌ଘାଟିତ

ନନ୍ଦନକାନନ, ୧୦।୧୧(ସମିସ):



ରାଜ୍ୟ ପ୍ରାଣୀ ଉଦ୍ୟାନ ନନ୍ଦନକାନନକୁ ବିଶ୍ୱସ୍ତରୀୟ ପ୍ରାଣୀ ଉଦ୍ୟାନ କରିବା ଦିଗରେ ଏକ ବଡ଼ ପଦକ୍ଷେପ ସ୍ୱରୂପ ବିଦେଶୀ ବାନରମାନଙ୍କୁ ନେଇ ନିର୍ମିତ ହୋଇଥିବା ବିଦେଶୀ ବାନର ଖୁଆଡ଼ 'ବାନରଙ୍କ ଦୁନିଆ' ରବିବାର ଉଦଘାଟନ ହୋଇଯାଇଛି । ଏହି 'ବାନରଙ୍କ ଦୁନିଆ' ଖୁଆଡ଼ ଉଦଘାଟନୀ ଉତ୍ସବରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ପିସିସିଏଫ୍ ସୁଶାନ୍ତ ନନ୍ଦ, ନନ୍ଦନକାନନ ନିର୍ଦ୍ଦେଶକ ମନୋଜ ଭି. ନାୟର, ଉପ ନିର୍ଦ୍ଦେଶକ ସନଥ କୁମାର ନାରାୟଣ, ଶିକ୍ଷା ଅଧିକାରୀ ମିଳନ ପଣ୍ଡା, ଏସିଏଫ୍ ରଶ୍ମିରଞ୍ଜନ ସ୍ୱାଇଁ, ନୂତନ ହେମ୍ବ୍ରମ, ପ୍ରାଣୀ ଚିକିତ୍ସକ ଶରତ ମିଶ୍ର, ଶରତ ସାହୁ, ନନ୍ଦନକାନନ ଥାନା ଅଧିକାରୀ ସମିତା ମିଶ୍ର, ରଘୁନାଥପୁର ସରପଞ୍ଚ ଖୁଲଣା ମାଝୀ, ସମିତିସଭ୍ୟ ତୁଷାରକାନ୍ତି ପଢ଼ିଆରୀ, ଦାରୁଠେଙ୍ଗ ସରପଞ୍ଚ ତପନ ଚକ୍ରବର୍ତ୍ତୀ ପ୍ରମୁଖ ଉପସ୍ଥିତ ଥିଲେ । ପ୍ରଥମେ ମନ୍ତ୍ରୀ ଶ୍ରୀ ଖୁଣ୍ଟିଆ ଫିତା କାଟି ଖୁଆଡ଼ ଉଦଘାଟନ କରିବା ସହ ନଡ଼ିଆ ଭାଙ୍ଗି 'ବାନରଙ୍କ ଦୁନିଆ'କୁ ପ୍ରବେଶ କରିଥିଲେ । ବିଦେଶୀ ମାଙ୍କଡ଼ମାନଙ୍କୁ ରହିବାରେ ସୁହାଇଲା ଭଳି ଏହି ଖୁଆଡ଼ ପ୍ରସ୍ତୁତ କରାଯାଇଛି । ବର୍ତ୍ତମାନ ଏହି ଖୁଆଡ଼ରେ ବିଶ୍ୱର ଥିବା ବାନର ପ୍ରଜାତିଙ୍କ ମଧ୍ୟରୁ ୭ଟି ପ୍ରଜାତିର ବାନର ରଖାଯାଇଛି । ରଖାଯାଇଥିବା ଥିବା ୭ ପ୍ରଜାତିର ବାନର ହେଲେ ତୁଳା ମୁଣ୍ଡିଆ ଟାମାରିନ ୪, ସୁନେଲି ହାତ ଟାମାରିନ ୩, ସିଆମଙ୍ଗ ୨, କଳାକାନ ମାର୍ମୋସେଟ ୭, ଧଳାକାନ ମାର୍ମୋସେଟ ୫, ଜିଓଫ୍ରେ ମାର୍ମୋସେଟ ୪ ଓ ଗୁଣ୍ଡୁଚି ମାଙ୍କଡ଼ ୫ଟି ଅଛନ୍ତି । ଏମାନଙ୍କ ମଧ୍ୟରୁ ନନ୍ଦନକାନନରେ ନୂତନ ପ୍ରଜାତି ଭାବେ ତୁଳା ମୁଣ୍ଡିଆ ଟାମାରିନ, ଧଳାକାନ ମାର୍ମୋସେଟ, ସିଆମଙ୍ଗ ଓ ଜିଓଫ୍ରେ ମାର୍ମୋସେଟ ମାଙ୍କଡ଼ ସାମିଲ କରାଯାଇଛି । ଖୁଆଡ଼ ସମୂହ ୧୩ହଜାର୬୬୫ବର୍ଗ ଫୁଟରେ ନିର୍ମାଣ ହୋଇଛି । ଏଥିରେ ୭ଟି ପ୍ରାକୃତିକ ପରିବେଶ ବେଷ୍ଟିତ ଖୁଆଡ଼, ୧୮ ଟି ଖାଦ୍ୟ ଗ୍ରହଣ ଗୃହ, ୧୦ଟି ବ୍ୟାକ୍ କ୍ରାଲ୍ ଅନ୍ତର୍ଭୁକ୍ତ ଅଛି । ୧କୋଟି୭୫ଲକ୍ଷ ଟଙ୍କାରେ ଏହା ନିର୍ମାଣ କରାଯାଇଛି । ପର୍ଯ୍ୟଟକଙ୍କ ସୁବିଧା ନିମନ୍ତେ ଉନ୍ନତମାନର ରାସ୍ତା, କାଚବାଡ଼ ଯୁକ୍ତ ପ୍ରଦର୍ଶନୀ ଖୁଆଡ଼, ଜଳ ଫୁଆର ଓ ପ୍ରାକୃତିକ ସୌନ୍ଦର୍ଯ୍ୟକରଣ କରାଯାଇଛି । ବର୍ତ୍ତମାନ ନନ୍ଦନକାନନରେ ୧୫ ପ୍ରଜାତିର ମାଙ୍କଡ଼ ଥିବାବେଳେ ସେମାନଙ୍କ ମଧ୍ୟରେ ୧୦ ପ୍ରଜାତିର ବିଦେଶୀ ଓ ୫ ସ୍ୱଦେଶୀ ପ୍ରଜାତିର ମାଙ୍କଡ଼ ଅଛନ୍ତି ।

### ନନ୍ଦନକାନନକୁ ଆସିଲେ ୫ ପ୍ରଜାତିର ୧୫ ଜନ୍ତୁ

ନନ୍ଦନକାନନ, ୧୦।୧୧ (ସମିସ): ଜନ୍ତୁ ଅଦଳବଦଳ ପ୍ରକ୍ରିୟାରେ କର୍ଣ୍ଣାଟକ ମାଙ୍ଗାଲୋରର ପିଲିକୁଳ ଚିଡ଼ିଆଖାନାରୁ ୫ପ୍ରଜାତିର ୧୫ଜନ୍ତୁ ରବିବାର ରାତିରେ ଆସିଛନ୍ତି । ସେମାନଙ୍କ ମଧ୍ୟରେ ଦୁଇହଳ ମଳୟ ଅଜଗର, ଦୁଇହଳ ବଳିଆ କୁକୁର, ହଳେ ଶଙ୍ଖଚିଲ, ଗୋଟିଏ ଅଣ୍ଡିରା ଓ ଦୁଇଟି ମାଈ ଓଧ ଏବଂ ଦୁଇଟି ମାଈ ବଡ଼ ବଗ ରହିଛନ୍ତି । ଏହା ବଦଳରେ ଏଠାରୁ ସିଂହ, କୁମ୍ଭୀର, ଗଧିଆ, କୁକ୍କୁଟ ଆଦି ୫ ପ୍ରଜାତିର ୮ ଜନ୍ତୁକୁ ପ୍ରାଣୀଉଦ୍ୟାନର ଏକ ଟିମ୍ ଗତ ୧ ତାରିଖରେ କର୍ଣ୍ଣାଟକ ଯାଇଥିଲେ ।

### ବିଏମ୍‌ସି ଆସିବେ କୁପରଟିନୋ ମେୟର

ଭୁବନେଶ୍ୱର,୧୦।୧୧(ସମିସ): ଯୁକ୍ତରାଷ୍ଟ୍ର ଆମେରିକାର କୁପରଟିନୋ ନାମକ ସହରର ମେୟର ଏସ୍ ମୋହନ ଏବଂ ତାଙ୍କ ପ୍ରତିନିଧିମାନେ ବିଏମ୍‌ସି ଗସ୍ତରେ ଆସିଛନ୍ତି । ସୋମବାର ବିଏମ୍‌ସି ମେୟର ସୁଲୋଚନା ଦାସଙ୍କ ସହ ତାଙ୍କର ଏକ ସାକ୍ଷାତ୍ ହେବ । ଏହା ସହ ବିଭିନ୍ନ କ୍ଷେତ୍ରରେ ଆଲୋଚନା ହେବ । ଭୁବନେଶ୍ୱର ଏବଂ କୁପରଟିନୋ ସହରକୁ ୨୦୧୨ରେ ଦୁଇ ଭଉଣୀ ଭାବେ ଅଭିହିତ କରାଯାଇଥିଲା । ଏଣୁ ଏହା ଏକ ସୌହାର୍ଦ୍ଦପୂର୍ଣ୍ଣ ଭେଟ୍‌ଘାଟ୍ ବୋଲି ବିଏମ୍‌ସି ପକ୍ଷରୁ କୁହାଯାଇଛି ।

ଜୀବନର କେତେ ରଙ୍ଗ

## ତିନି ଦଶନ୍ଧି ଧରି ଭାସୁଛି ବିଜୟଙ୍କ ଡଙ୍ଗା

କାର୍ତ୍ତିକ ଆସିଲେ ଖୋଜା ପଡ଼ନ୍ତି ସିଏ । ତାଙ୍କ ହାତରେ ତିଆରି ହୋଇଥିବା କଦଳୀ ପଟୁଆ ହେଉ କି ଥର୍ମକୁଲ ଡଙ୍ଗା ସମସ୍ତଙ୍କ ପସନ୍ଦ ପାଲଟେ । ବୟସ ଫେଡ଼ି ହେଇ ଚାଲିଛି ସିନା, ହେଲେ ଅଭିଜ୍ଞତା ତାଙ୍କୁ ବିଜୟ କରେଇଛି । ନାଁ ବିଜୟ ବେହେରା । ନିଜ ଡଙ୍ଗାର ନିଜେ ନାଉରୀ ସାଜିଛନ୍ତି ସିଏ । ଗଢୁଛନ୍ତି ଗଲା ତିନି ଦଶନ୍ଧି ଧରି ଶହ ଶହ ମଣିଷର ମାନସିକ ଡଙ୍ଗା । ସେଇଥିରୁ ସେ ପାରିକରନ୍ତି ନିଜକୁ ଏ ସଂସାର ସାଗରରେ । ଏ କୂଳରୁ ସେ କୂଳ ଯାଏଁ ସେ ଛାଣିନିଅନ୍ତି ସ୍ୱପ୍ନ; ମେଣ୍ଟିଯାଏ ବର୍ଷଯାକର ଗୁଜୁରାଣ, ଶୁଝେ ଋଣ ଆଉ କରଜ ।

ବର୍ଷର ସବୁଠାରୁ ଶ୍ରେଷ୍ଠ ମାସ ହେଉଛି କାର୍ତ୍ତିକ ମାସ । ଓଡ଼ିଶାର ଐତିହ୍ୟ ପ୍ରାଚୀନ ପରମ୍ପରାକୁ ଉଜ୍ଜିବୀତ ରଖିବା ପାଇଁ ଏହି କାର୍ତ୍ତିକ ପୂର୍ଣ୍ଣିମା ଦିନ ଡଙ୍ଗା ଭସେଇବାର ପରମ୍ପରା ରହିଛି । ସେହି ପରମ୍ପରା ଅନୁଯାୟୀ, ଶ୍ରାବଣ ମାସରୁ ଆରମ୍ଭ ହୁଏ ଡଙ୍ଗା ତିଆରି କରି ଗୁଜୁରାଣ ମେଣ୍ଟାଉଥିବା ଡଙ୍ଗା କାରିଗର । ପ୍ରତି ବର୍ଷ ଏହି ଦିନକୁ ଚାହିଁ ରହିଥିବା କାରିଗରଙ୍କ ମଧ୍ୟରୁ ଅନ୍ୟତମ ପୁରୁଣା ଭୁବନେଶ୍ୱର ନାଳସାହିର ବିଜୟ ବେହେରା । ବୟସ ପାଖାପାଖି ୬୦ରୁ ଉର୍ଦ୍ଧ୍ୱ ଛୁଇଁଲାଣି । ହେଲେ ହାତ ଆଜି ବି ଡଙ୍ଗା ତିଆରିରେ ବ୍ୟସ୍ତ । ବର୍ଷେ କି ଦି ବର୍ଷ ନୁହେଁ, ଦୀର୍ଘ ୩୦ ବର୍ଷ ଧରି ସେ କଦଳୀ ପାଟୁଙ୍ଗା ଓ ସୋଲରେ ଡଙ୍ଗା ତିଆରି କରି ଆସୁଛନ୍ତି । ନିଜର ଏହି ୩୦ ବର୍ଷର ଅନୁଭୂତି ନେଇ ସେ କହିଥିଲେ, ହସ୍ତଶିଳ୍ପକୁ ନେଇ ସେ କିଛି ଦିନ ପ୍ରଶିକ୍ଷଣ ନେଇଥିଲେ । ପରେ ମନ୍ଦିର ଗଢ଼ିବା କାର୍ଯ୍ୟ ଏବଂ ରାଜମିସ୍ତ୍ରି କାମ କରି ଘର ଚଳାଉଥିଲେ । ଧୀରେ ଧୀରେ ସଂସାର ବଢ଼ିବାରୁ ଆୟ ଅଧିକ ଆବଶ୍ୟକ ହେଲା । ପୂର୍ବରୁ ଶିଖିଥିବା ସେ କଳା ତାଙ୍କୁ ଡଙ୍ଗା ତିଆରି କରିବାରେ ସାହାଯ୍ୟ କଲା ବୋଲି କୁହନ୍ତି । ବୟସ ବଢ଼ିବାରୁ ସେସବୁ କାମ ଛାଡ଼ି କେବଳ ଛୋଟିଆ ଦୋକାନ କରି ସେଠାରେ ବସୁଛନ୍ତି । ପ୍ରତି ବର୍ଷ ଶ୍ରାବଣ ମାସ ଆସିଲେ ଏହି ଡଙ୍ଗା ତିଆରି କାମ କରୁଛନ୍ତି । ଆଗରୁ ଲୋକ କଦଳୀ ପାଟୁଙ୍ଗା ଡଙ୍ଗା ହିଁ ପରମ୍ପରା ଅନୁଯାୟୀ ଭସାଉଥିଲେ । ହେଲେ ଧୀରେ ଧୀରେ ଏବେ କେବଳ ଲୋକ ଡିଜାଇନ ଡଙ୍ଗା ଖୋଜୁଛନ୍ତି । ଆଗରୁ ୫ ଟଙ୍କା ଥିବାବେଳେ ଏବେ କଦଳୀ ପାଟୁଙ୍ଗା ୨୦ ଟଙ୍କାରେ ପହଞ୍ଚିଲାଣି । ସେହିପରି ସୋଲ ଡଙ୍ଗା ଏବେ ୪୦ ଟଙ୍କାରୁ ଆରମ୍ଭ ହେଉଛି । ପ୍ରତିବର୍ଷ ସୋଲ ଡଙ୍ଗା ୩ଶହ ପାଖାପାଖି ବିକ୍ରି ହେଉଛି । ଏହି କାମ ସେ ଦୁଇ ମାସ ଭିତରେ ଦିନକୁ ୫ରୁ ୬ ଘଣ୍ଟା ଲାଗି ତିଆରି କରିଥାନ୍ତି । ପୂର୍ଣ୍ଣମୀ ପୂର୍ବରୁ ଆଖପାଖ ଅଞ୍ଚଳର ଲୋକ ଖୋଜିଖୋଜି ଆସନ୍ତି ଏହି ଡିଜାଇନ ଡଙ୍ଗା ନେବାକୁ ବୋଲି ସେ କହିଛନ୍ତି ।



## ବିଜେଡିର ଜନସମ୍ପର୍କ ପଦଯାତ୍ରା



ନନ୍ଦନକାନନ,୧୦।୧୧(ସମିସ): ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତଙ୍କ ନେତୃତ୍ୱରେ ରବିବାର ବିଜୁ ଜନତା ଦଳର ଜନ ସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି । ବିଏମସି ୱାର୍ଡ-୧ ଓ ୱାର୍ଡ-୨ର ବିଜେଡି ନେତା ଓ କର୍ମୀମାନଙ୍କ ମିଳିତ ଆନୁକୂଲ୍ୟରେ ଏହା ଅନୁଷ୍ଠିତ ହୋଇଥିଲା । ପଦଯାତ୍ରାଟି ଚିରଗାଲଟୋଲା ବସ୍ତିଠାରୁ ପଦଯାତ୍ରା ଆରମ୍ଭ ହୋଇ ପ୍ରଶାନ୍ତିବିହାର ଦୁର୍ଗାପୂଜା ପଡ଼ିଆଠାରେ ସମାପନ ହୋଇଥିଲା । ବିଜୁ ଜନତା ଦଳର ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ସଞ୍ଜୟ କୁମାର ଦାସବର୍ମା ଯୋଗଦେଇ ବିଜେପି ସରକାରଙ୍କ ଅପାରଗତା ଓ ସ୍ଥାଣୁତା ବିଷୟରେ ଲୋକମାନଙ୍କୁ ସଚେତନ କରାଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ମେୟର ସୁଲୋଚନା ଦାସ, ଡେପୁଟି ମେୟର ମଞ୍ଜୁଲତା କହ୍ନର, ୧ ନମ୍ବର ୱାର୍ଡ କର୍ପୋରେଟର ମିହିର କୁମାର ରାଉତ(ପପୁ), ୱାର୍ଡ-୨ କର୍ପୋରେଟର ମୋନାଲିସା ବେହେରା, ବରିଷ୍ଠ ନେତା ସୁବାସ ଚନ୍ଦ୍ର ପାତ୍ର, ପ୍ରତାପ ରାଉତ, ସନ୍ତୋଷ ନାଥ, ଭୋଳାନାଥ ମହାରଣା, ସୂର୍ଯ୍ୟକାନ୍ତି ଜେନାଙ୍କ ସହିତ ଚିରଗାଲଟୋଲା ଓ ପ୍ରଶାନ୍ତିବିହାର ଅଞ୍ଚଳର ବହୁ ଲୋକ ଯୋଗଦେଇ ରାଜ୍ୟରେ ବିଜେପି ସରକାରଙ୍କ ହୀନ ରାଜନୀତିକୁ ସମାଲୋଚନା କରିଥିଲେ ।

### ଅଭିରୁଚି ଶିଶୁ ପ୍ରତିଭା ସମ୍ମାନ ପ୍ରତିଯୋଗିତା

ଭୁବନେଶ୍ୱର,୧୦।୧୧(ସମିସ): ସତ୍ୟନଗର ଲେଡିଜ୍ ଫୋରମ୍ ତରଫରୁ ଭାରତ ସ୍କାଉଟ୍ ଗାଇଡ୍ ପ୍ରେକ୍ଷାଳୟଠାରେ ନବମ ଅଭିରୁଚି ଶିଶୁ ପ୍ରତିଭା ସମ୍ମାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିଯୋଗିତାରେ ୫୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଭାଗ ନେଇଥିଲେ । ଛାତ୍ରଛାତ୍ରୀଙ୍କ ଦ୍ୱାରା ଚିତ୍ରାଙ୍କନ, ରାଇମ୍‌ସ, ଆଧୁନିକ ନାଚ, ଓଡ଼ିଶୀ ନାଚର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଟିମ୍‌ର ମୁଖ୍ୟ ନିଶିକାନ୍ତ ମିଶ୍ର, ବିଜେପି ମୁଖପାତ୍ର ଜଗନ୍ନାଥ ପ୍ରଧାନ, ଜୟ ଓଡ଼ିଶା ମୁଖ୍ୟ ରୁଦ୍ର ସାମନ୍ତରାୟ ଯୋଗଦେଇଥିଲେ । ଏଥିସହିତ ବିଭିନ୍ନ ସମାଜସେବୀ ମଧ୍ୟ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ଲେଡିଜ୍ ଫୋରମ୍‌ର ସମ୍ପାଦିକା ଅନୁରାଧା ଦାଶ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।



ଉତ୍କଳ କନିକା ଗ୍ୟାଲେରିଆରେ 'ଖୁସିୟୋଁ କା ତ୍ୟୋହାର ସିଜିନ୍-୩'

### ଅନାମିକା ଜିତିଲେ ହୀରା ହାର

ଭୁବନେଶ୍ୱର,୧୦।୧୧(ସମିସ): ପାର୍ବଣ ଅବସରରେ ଉତ୍କଳ କନିକା ଗ୍ୟାଲେରିଆ ମଲ୍, ଗୁପ୍ତା ଡିଷ୍ଟ୍ରିବ୍ୟୁଟର୍ସ, ସଲଫେଜ୍, ଇଥସ୍ ୱାଚେସ୍, ୱଣ୍ଡରେଲା ଓ ସେନ୍‌କୋ ଗୋଲ୍ଡ ଆଣ୍ଡ ଡାଇମଣ୍ଡ ମିଳିତ ସହଯୋଗରେ ମଲ୍ ପରିସରରେ ଗତ ଅକ୍ଟୋବର ୧ ତାରିଖରୁ ଆରମ୍ଭ ହୋଇଥିବା ଏହି 'ଖୁସିୟୋଁ କା ତ୍ୟୋହାର' ଗତ ୮ ତାରିଖ ପର୍ଯ୍ୟନ୍ତ ଚାଲିଥିବା 'ଖୁସିୟୋଁ କା ତ୍ୟୋହାର' କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି । ଏହି 'ଖୁସିୟୋଁ କା ତ୍ୟୋହାର' କାର୍ଯ୍ୟକ୍ରମରେ ପ୍ରାୟ ୫୦ ହଜାର ଗ୍ରାହକ ଲକି ଡ୍ର'ରେ ଅଂଶଗ୍ରହଣ କରିଥିଲେ । ତନ୍ମଧ୍ୟରୁ ଅନାମିକା ହୀରା ହାର ଜିତିଥିବାବେଳେ ଅସିତ ମାର୍ସାଲ ସ୍ପିକର, ପୁଷ୍ପଲତା ସୁନା ମୁଦ୍ରା, ବର୍ଷା ମିଶ୍ର ଫ୍ରିଜ୍, ସ୍ନିଗ୍ଧା ମିଶ୍ର ଏଲ୍‌ଇଡି ଟିଭି, ପ୍ରଜ୍ଞା, ପ୍ରକାଶ ସାହୁ ଓ ସତ୍ୟଶ୍ରୀ ସାସମଲ ଘଣ୍ଟା ପୁରସ୍କାର ଜିତିଥିଲେ । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅଭିନେତ୍ରୀ ଦେବଜାନୀ ଦେଘୁରିଆ ଯୋଗଦେଇ ବିଜେତାମାନଙ୍କୁ ପୁରସ୍କୃତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଉତ୍କଳ ବିଲ୍ଡର ପ୍ରତିଷ୍ଠାତା ସୁବାସ ଭୁରା, ଉତ୍କଳ କନିକା ଗ୍ୟାଲେରିଆ ମଲ୍‌ର ଜେନେରାଲ ମ୍ୟାନେଜର ଦୁଲାଲ ଚନ୍ଦ୍ର ସାହୁ, ସେନ୍‌କୋ ଗୋଲ୍ଡ ଆଣ୍ଡ ଡାଇମଣ୍ଡ ଓ ଗୁପ୍ତା ଡିଷ୍ଟ୍ରିବ୍ୟୁଟର୍ସର ସଦସ୍ୟ ଉପସ୍ଥିତ ଥିଲେ ।




### ବାର୍‌ରେ ଚାଲିଥିଲା ଡ୍ୟାନ୍ସ; ବନ୍ଦକଲା ଅବକାରୀ ବିଭାଗ

ଭୁବନେଶ୍ୱର,୧୦।୧୧(ସମିସ): ବାରରେ କେବଳ ଗୀତ ପରିବେଷଣ କରିବାକୁ ଅବକାରୀ ବିଭାଗ ଅନୁମତି ଦେଇଥିଲା । ହେଲେ କଟକ ରୋଡର ଏକ ବାରରେ ଗୀତ ପରିବେଷଣ ନାଁରେ ଡ୍ୟାନ୍ସ ଚାଲିଥିଲା । ଖବର ପାଇ ଅବକାରୀ ବିଭାଗ ତୁରନ୍ତ ସେଠାରେ ଚଢ଼ଉ କରିଥିଲା । ଏହି ସମୟରେ ଚାଲିଥିଲା ଡ୍ୟାନ୍ସ । ରଙ୍ଗେ ହାତରେ ଧରିଲା ଅବକାରୀ ବିଭାଗ । ତୁରନ୍ତ ଉକ୍ତ ବାରକୁ ସିଲ୍ କଲେ । ଏହିଭଳି ରାଜଧାନୀର ଏକାଧିକ ବାରରେ ବେଆଇନ ଭାବେ ଡ୍ୟାନ୍ସ ଚାଲିଛି । ଭିତରପଟୁ ତାଲା ପକାଯାଇ କିଛି ଚିହ୍ନାଜଣା ଲୋକଙ୍କୁ ନେଇ ଚାଲିଛି । ତେଣୁ ଏଭଳି ବାର୍ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି ।

### ଆଜି ଭାଙ୍ଗିବ ନୀଳମାଧବ ବସ୍ତି

ଭୁବନେଶ୍ୱର,୧୦।୧୧(ସମିସ): ଆରମ୍ଭ ହେଲା ବିଏମ୍‌ସିର ବସ୍ତି ହଟାଅ ଅଭିଯାନ । ବିଏମ୍‌ସି ପକ୍ଷରୁ ରାଜଧାନୀର ଅନ୍ୟତମ ବୃହତମ ବସ୍ତି ନୀଳମାଧବ ବସ୍ତିକୁ ଭାଙ୍ଗି ଦିଆଯିବ । ଏହି ବସ୍ତିରେ ଥିବା ପ୍ରାୟ ୨୪୦ ଘରକୁ ଭାଙ୍ଗିଦିଆଯିବ ବୋଲି ଜଣାପଡ଼ିଛି । ସୋମବାରଠାରୁ ଏହି ବସ୍ତିରେ ଆରମ୍ଭ ହେବାକୁ ଥିବା ଏହି ଏନ୍‌ଫୋର୍ସମେଣ୍ଟ ଡ୍ରାଇଭ୍ ୬ ଦିନ ଧରି ଚାଲିବ । ଏନେଇ ବିଏମ୍‌ସିର ସମସ୍ତ ପ୍ରସ୍ତୁତି ଶେଷ ହୋଇଛି । ବସ୍ତି ଭାଙ୍ଗିବାକୁ ନେଇ ଏକ ୭ ଜଣିଆ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି । ଏହି ଟିମ୍‌କୁ ନର୍ଥ ଜୋନ୍‌ର ଆସିଷ୍ଟାଣ୍ଟ କମିସନର ଲିଡ୍ କରିବେ । ଏହା ବ୍ୟତୀତ ଉକ୍ତ ଟିମ୍‌ରେ ଜୋନ୍‌ର ଜୁନିଅର ଆସିଷ୍ଟାଣ୍ଟ ଏବଂ ୱାର୍ଡ ଅଫିସର ମଧ୍ୟ ଉପସ୍ଥିତ ରହିବେ । ଉତ୍ତେଜନାକୁ ଦୃଷ୍ଟିରେ ରଖି ବ୍ୟାପକ ପୁଲିସ ମୁତୟନ କରାଯିବ ବୋଲି ଯୋଜନା କରାଯାଇଛି । ଅନ୍ୟପକ୍ଷରେ ଭାଙ୍ଗିବାକୁ ଥିବା ଘରଗୁଡ଼ିକର ପରିବାର ଲୋକଙ୍କୁ ଆବାସ ଯୋଜନାରେ ଅବସ୍ଥାପିତ କରାଯାଇଛି । କିଛି ଲୋକ ଆବାସ ଘରକୁ ଚାଲିଯାଇଥିଲା ବେଳେ ଆଉ କିଛି ବସ୍ତି ଛାଡୁନାହାନ୍ତି । ତେଣୁ ଘର ପାଇଥିବା ଲୋକଙ୍କୁ ସେଠାରୁ ହଟାଇବାକୁ ବିଏମ୍‌ସି ପକ୍ଷରୁ ନିଷ୍ପତ୍ତି ନିଆଯାଇଛି ।

ମୟୂରଭଞ୍ଜ ଛଉ ନୃତ୍ୟର ଜାତୀୟ ଉତ୍ସବ

## ପ୍ରୋଜେକ୍ଟ ଛାଉଣୀ ପକ୍ଷରୁ 'ନାଟକୀ'

ଭୁବନେଶ୍ୱର,୧୦।୧୧(ସମିସ):

ପ୍ରୋଜେକ୍ଟ ଛାଉଣୀ ପକ୍ଷରୁ ମୟୂରଭଞ୍ଜ ଛଉ ନୃତ୍ୟର ଜାତୀୟ ଉତ୍ସବ 'ନାଟକୀ' ରବୀନ୍ଦ୍ର ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବର ଉଦଘାଟନୀ ଅବସରରେ ପ୍ରୋଜେକ୍ଟ ଛାଉଣୀର ନୃତ୍ୟଶିଳ୍ପୀମାନେ ଶୁଭଶ୍ରୀ ମୁଖାର୍ଜୀ ଏବଂ ରିଙ୍କୁ ସାହୁଙ୍କଙ୍କ ଦ୍ୱାରା ସଂଯୋଜିତ 'ରୁକ୍ ମାର' ନାମକ ନୃତ୍ୟ ପରିବେଷଣ କରିଥିଲେ । ପରେ ନୂଆଦିଲ୍ଲୀର ଯଜ୍ଞ ପରଫର୍ମି ଆର୍ଟସର କଳାକାରମାନେ ଛଉନୃତ୍ୟ ଉପରେ ପର୍ଯ୍ୟବସିତ 'ଭୂମୀ ସୌର୍ଯ୍ୟବୀର ଗାଥା' ନାମକ ନୃତ୍ୟ ପରିବେଷଣ କରିଥିଲେ । ସେହିପରି ପ୍ରଖ୍ୟାତ ନୃତ୍ୟଶିଳ୍ପୀ ପଦ୍ମଶ୍ରୀ ଇଲିଆନା ସୀତାରିଷ୍ଟଙ୍କ ନିର୍ଦ୍ଦେଶନାରେ 'ସେ ନୋ ଟୁ ପ୍ଲାଷ୍ଟିକ' ନାମକ ନୃତ୍ୟକୁ ଖୋର୍ଦ୍ଧା ସ୍ଥିତ ଏ.କେ. କ୍ରିଏସନର କଳାକାରମାନେ ପରିବେଷଣ କରିଥିଲେ । ପ୍ରୋଜେକ୍ଟ ଛାଉଣୀର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ଶୁଭଶ୍ରୀ ମୁଖାର୍ଜୀଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ଉତ୍ସବରେ ଅତିଥି ଭାବେ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ବରିଷ୍ଠ ପ୍ରଶାସକ ରାଜେଶ ପ୍ରଭାକର ପାଟିଲ୍, ପଦ୍ମଶ୍ରୀ ଇଲିଆନା ସୀତାରିଷ୍ଟ ଯୋଗଦେଇଥିଲେ । ସେହିପରି ଉତ୍ସବର ଦ୍ୱିତୀୟ ଦିବସରେ ଶ୍ରୀମତୀ ମୁଖାର୍ଜୀଙ୍କ ପରିଚାଳନାରେ ଅନୁଷ୍ଠିତ ଉଦଯାପନୀ ସଭାରେ ରାଜ୍ୟ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ଡ. ବିଜୟ କେତନ ଉପାଧ୍ୟାୟ, ବିଏମସି କମିସନର ରାଜେଶ ପ୍ରଭାକର ପାଟିଲ, ବରିଷ୍ଠ କଣ୍ଠଶିଳ୍ପୀ ତଥା ସଙ୍ଗୀତ ନିର୍ଦ୍ଦେଶକ ଦେବାଶିଷ ମହାପାତ୍ର, ଓଡ଼ିଶୀ ନୃତ୍ୟଗୁରୁ ଡ. ସ୍ନେହପ୍ରଭା ସାମନ୍ତରାୟ ଓ ଗୁରୁ ନିରଞ୍ଜନ ରାଉତ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ । ପ୍ରୋଜେକ୍ଟ ଛାଉଣୀର କଳାକାରଙ୍କ ଦ୍ୱାରା ଶୁଭଶ୍ରୀ ମୁଖାର୍ଜୀ ଓ ପ୍ରଭାତ ସ୍ୱାଇଁଙ୍କ ନିର୍ଦ୍ଦେଶିତ 'ଶବର ଟୋକା', କୋଲକାତା ନୃତ୍ୟାଲୋକର କଳାକାରମାନେ ସୂତପା ପ୍ରଧାନଙ୍କ ନିର୍ଦ୍ଦେଶିତ 'ତ୍ରାହି ଦୁର୍ଗା' ଏବଂ ମୟୂରଭଞ୍ଜର ରେଙ୍ଗାଲବେଡ଼ା ସ୍ଥିତ ଭଞ୍ଜଭୂମୀ ଛଉନୃତ୍ୟ ପ୍ରତିଷ୍ଠାନର କଳାକାରମାନେ 'ବନବାସୀ' ନୃତ୍ୟ ପରିବେଷଣ କରିଥିଲେ । ଏହି ଅବସରରେ ଓଡ଼ିଶାର ପ୍ରଥମ କଳା ଇତିହାସକାର ଡ. ରାଜଶ୍ରୀ ବିଶ୍ୱାଳ, ଛଉ ନୃତ୍ୟଗୁରୁ ବାଞ୍ଛାନିଧି ଦାସ ଓ ଗୁରୁ ସୁବ୍ରତ ପଟ୍ଟନାୟକଙ୍କୁ ପ୍ରୋଜେକ୍ଟ ଛାଉଣୀ ପକ୍ଷରୁ ସମ୍ବର୍ଦ୍ଧିତ କରାଯିବା ସହିତ 'ନାଟକୀ' ସମ୍ମାନରେ ଭୂଷିତ କରାଯାଇଥିଲା । କାର୍ଯ୍ୟକ୍ରମକୁ ଋତୁପର୍ଣ୍ଣା ମହାପାତ୍ର ଉପସ୍ଥାପନା କରିଥିଲେ ।



### ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ପକ୍ଷରୁ ଜୟୀ ରାଜଗୁରୁଙ୍କ ଜୟନ୍ତୀ

ଭୁବନେଶ୍ୱର,୧୦।୧୧(ସମିସ): ଜୟୀ ରାଜଗୁରୁ ଥିଲେ ଆଜନ୍ମ ମାତୃଭୂମିର ପୂଜାରୀ । ଦେଶ ଓ ଜାତି ପାଇଁ ତାଙ୍କ ତ୍ୟାଗ ଆଜି ବି ଓଡ଼ିଆ ଜାତିର ଏକ ଲୋମହର୍ଷଣକାରୀ ଇତିହାସ ବୋଲି ରବିବାର ଜୟୀ ରାଜଗୁରୁଙ୍କ ୨୮୫ତମ ଜୟନ୍ତୀ ଉତ୍ସବ ଅବସରରେ ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ପକ୍ଷରୁ ଅନୁଷ୍ଠିତ ସଭାରେ ଅତିଥିମାନେ ମତବ୍ୟକ୍ତ କରିଥିଲେ । ପ୍ରଥମେ ବରପୁତ୍ରଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯିବା ପରେ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ରାଜ୍ୟ ସଂଯୋଜକ ପ୍ରବୀର ମହାନ୍ତି, ପ୍ରାଧ୍ୟାପକ ରଙ୍ଗାଧର ସାହୁ, ପ୍ରାଧ୍ୟାପକ ରମେଶ ଚନ୍ଦ୍ର ପାତାଳ ସିଂ, ସତ୍ୟବ୍ରତ ଜେନା, ଗିରିଜା ଶଙ୍କର ମହାପାତ୍ର, ଚନ୍ଦନ ନାୟକ, ଅମିତ୍ ପାତାଳ ସିଂ, ଦେବାଶିଷ ନାୟକ, ଗୁରୁଚରଣ ସାହୁ, ସୁଶାନ୍ତ ସାହୁ ପ୍ରମୁଖ ଯୋଗଦେଇଥିଲେ ।



